# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 August - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- କୃଷିକ୍ଷେତ୍ରକୁ ସରକାର ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଦୁଇ ଦିନିଆ ବିଚାରବିଭାଗୀୟ ସମ୍ମିଳନୀ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଆରମ୍ଭ
- କେରଳ ଭୂସ୍ଖଳନ ଘଟଣାରେ ଓଡ଼ିଶାର ଆହତଙ୍କ ଚିକିତ୍ସା ନେଇ ରାଜ୍ୟ ସରକାର ଯୋଗାଯୋଗରେ ଅଛନ୍ତି ବୋଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସୂଚନା
- 'ଅଙ୍ଗଦାନ ଜୀବନଦାନ'ର ବାର୍ତ୍ତା ନେଇ ଆଜି ସମଗ୍ର ଦେଶରେ ପାଳିତ ହେଉଛି ଜାତୀୟ ଅଙ୍ଗଦାନ ଦିବସ

ଏବଂ

- ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ବର୍ଷା ନେଇ ୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

*HS*

# କୃଷି ଅର୍ଥଶାସ୍ତ୍ରୀ ବୈଠକ

ଭାରତ ଏକ ଖାଦ୍ୟ ବଳକା ଦେଶ ଏବଂ ବିଶ୍ୱରେ ଖାଦ୍ୟ ଓ ପୋଷଣ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀଠାରେ ଆନ୍ତର୍ଜାତିକ କୃଷି ଅର୍ଥଶାସ୍ତ୍ରୀ ପରିଷଦର ୩୨ତମ ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି, କୃଷି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ କୃଷିଜୀବୀଙ୍କର ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି। ସରକାରଙ୍କ ଆର୍ଥିକ ନୀତିରେ କୃଷି ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି ବୋଲି ସେ କହିଛନ୍ତି। ଦୁଗ୍ଧ, ତୈଳବୀଜ, ମସଲା ଏବଂ ମିଲେଟ୍‌ସ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି। ଜୈବିକ ଚାଷ ଉପରେ ସରକାର ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ୫୦୦ରୁ ଅଧିକ କୃଷିଭିତ୍ତିକ ଶିକ୍ଷାନୁଷ୍ଠାନ ଏବଂ ୭୦୦ରୁ ଅଧିକ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଛି। ଏହା ମାଧମରେ ଚାଷୀଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ସଚେତନ କରାଯାଇପାରୁଛି ବୋଲି ସେ କହିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ କ୍ଷୁଦ୍ର ଜଳସେଚନ ଯୋଜନା ଅଧୀନରେ ଦେଶର ୯୦ ଲକ୍ଷ ହେକ୍ଟରରୁ ଅଧିକ ଜମିକୁ ସାମିଲ କରାଯାଇଛି ବୋଲି ସେ କହିଛନ୍ତି। ଏହି ବୈଠକରେ ୭୫ଟି ରାଷ୍ଟ୍ରର ୧ ହଜାରରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି।

*GNR*

## ସୁପ୍ରିମକୋର୍ଟ- ସ୍ୱତନ୍ତ୍ର ଲୋକ ଅଦାଲତ

ସୁପ୍ରିମକୋର୍ଟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଲୋକ ଅଦାଲତ ଆଜି ଶେଷ ହେଉଛି। ସର୍ବୋଚ୍ଚ ନ୍ୟାୟାଳୟର ୭୫ତମ ବାର୍ଷିକୀ ପାଳନ ଅବସରରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଛି। ଗତମାସ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଲୋକ ଅଦାଲତରେ ବିଭିନ୍ନ ମାମଲାର ଆପୋଷ ଆଲୋଚନା ମାଧ୍ୟମରେ ଫଇସଲା ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି, ଲୋକ ଅଦାଲତ ମାଧ୍ୟମରେ ୧ ହଜାରରୁ ଅଧିକ ମାମଲାର ସମାଧାନ ହୋଇପାରିଛି। ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବା ଭାରତୀୟ ସଂସ୍କୃତିର ଏକ ପ୍ରତିଫଳନ ବୋଲି ସେ କହିଛନ୍ତି।

*CTC*

## ବିଚାରବିଭାଗୀୟ ସମ୍ମିଳନୀ

ଜିଲ୍ଲାସ୍ତରୀୟ କୋର୍ଟ ଓ ବିଚାର ବିଭାଗୀୟ ଅଧିକାରୀମାନେ ସାଧାରଣ ଜନତା ଏବଂ ବିଚାର ବ୍ୟବସ୍ଥା ମଧ୍ୟରେ ସେତୁ ସଦୃଶ୍ୟ କାର୍ଯ୍ୟ କରନ୍ତି ବୋଲି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ଆଜି ଆୟୋଜିତ ଦୁଇଦିନିଆ ସମ୍ମିଳନୀରେ ଯୋଗଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ନିମ୍ନ ଅଦାଲତଗୁଡ଼ିକର ପ୍ରମୁଖ ଭୂମିକା ରହିଛି।

ବିଚାର ବିଭାଗ ଉପରେ ଲୋକଙ୍କର ଆସ୍ଥା ବଜାୟ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ଉଚିତ୍ ବ୍ୟବହାର ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଉପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଗୁରୁତ୍ୱ ଦେଇଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ବିଭିନ୍ନ ବୈଷୟିକ ପଦକ୍ଷେପ ବେଶ୍ ସହାୟକ ହୋଇଛି ବୋଲି ସେ କହିଛନ୍ତି। ତୃଣମୂଳସ୍ତରରେ ବିବାଦର ଆପୋଷ ସମାଧାନ ହୋଇପାରିଲେ କୋର୍ଟର କାର୍ଯ୍ୟଭାର ହ୍ରାସ ପାଇବ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଅସସଉଦ୍ଦିନ ଅମ୍ନୁଲ୍ଲା କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ବେଶ୍ ଉତ୍ସାହପ୍ରଦ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ଏଭଳି ସମ୍ମିଳନୀ ବିଶେଷ ସହାୟକ ହୋଇଥାଏ। ଆଲୋଚନା ମାଧ୍ୟମରେ ସମାଧାନର ପନ୍ଥା ବାହାରିଥାଏ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ, ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଅନିରୁଦ୍ଧ ବୋଷ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ଏବଂ ମାଡ୍ରାସ ହାଇକୋର୍ଟର ବିଚାରପତି ଏବଂ ବିଚାରବିଭାଗୀୟ ଅଧିକାରୀ ମାନେ ଯୋଗଦେଇଛନ୍ତି। ଏହି ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ।

*Sambalpur*

## ପ୍ରାଥମିକ ବିଦ୍ୟାଳୟ- ଉଦ୍‌ଘାଟନୀ ସମାରୋହ

ସମ୍ବଲପୁର ମୋଦୀପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷାନୁଷ୍ଠାନର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀ ଏବଂ ବରିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

*Jharsuguda*

## କେରଳ ଭୂସ୍ଖଳନ

କେରଳ ଭୂସ୍ଖଳନ ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଝାରସୁଗୁଡ଼ାର ବେହେରାମାଲର ସ୍ୱୀକୃତି ମହାପାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୀକୃତିଙ୍କ ଚିକିତ୍ସା ପରିସ୍ଥିତି ଏବଂ ନିଖୋଜ ଥିବା ସ୍ୱାଧୀନ ପଣ୍ଡାଙ୍କ ଉଦ୍ଧାର ନେଇ କେରଳ ସରକାରଙ୍କ ସହ ଆଲୋଚନା ହୋଇଛି । ସ୍ୱୀକୃତି ଖୁବ୍‌ଶୀଘ୍ର ଆରୋଗ୍ୟ ଲାଭ କରି ଡାକ୍ତରଖାନାରୁ ଘରକୁ ଫେରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆଶା ପ୍ରକାଶ କରିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି...

**- V/O -**

ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରାଙ୍କର ମରଶରୀରକୁ ସଡ଼କପଥରେ ଅଣାଯାଉଛି। ରାଜ୍ୟ ସରକାରଙ୍କ ଅଧିକାରୀ ମରଶରୀରକୁ ନେଇ ଫେରୁଛନ୍ତି। ଭୁବନେଶ୍ୱରରେ ପହଁଞ୍ଚିବା ପରେ ପାର୍ଥିବ ଶରୀରକୁ ପୈତୃକ ଜିଲ୍ଲା ଗୋପ ବ୍ଲକର ପରାଳ ଗ୍ରାମକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

***Ganjam***

## ସଡ଼କ ଦୁର୍ଘଟଣା

ଗଞ୍ଜାମ ଜିଲ୍ଲା ଖଲ୍ଲିକୋର୍ଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଡିମିରିଆ ଛକଠାରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ଦୁଇଜଣଙ୍କର ଏବଂ ଚିକିତ୍ସିତ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଛି। ଆନ୍ଧ୍ରପ୍ରଦେଶରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ମାଛ ବୋଝେଇ ଟ୍ରକ୍‌ଟି ଦୁଇଜଣ କାଉଡ଼ିଆ ଏବଂ ଜଣେ ପଥଚାରୀଙ୍କୁ ଧକ୍କା ମାରି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

***Desk***

## ଜାତୀୟ ଅଙ୍ଗଦାନ ଦିବସ

"ଅଙ୍ଗଦାନ ଜୀବନଦାନ'ର ବାର୍ତ୍ତା ନେଇ ଆଜି ସମଗ୍ର ଦେଶରେ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ହେଉଛି 'ଅଙ୍ଗଦାନ ଜନଜାଗୃତି ଅଭିଯାନ'। ଅଙ୍ଗଦାନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

୧୯୯୪ ମସିହା ଆଜିର ଦିନରେ ଭାରତରେ ପ୍ରଥମ ହୃଦ୍ ପ୍ରତ୍ୟାରୋପଣ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ଦିବସର ସ୍ମୃତିଚାରଣ ଅବସରରେ ଗତ ୨୦୨୨ ମସିହାରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ଅଙ୍ଗଦାନ ଦ୍ୱାରା ବହୁ ଲୋକଙ୍କର ଜୀବନ ରକ୍ଷା କରାଯାଇପାରିବ। ଏ ସମ୍ପର୍କରେ ଅଧିକ ଜନସଚେତନତା ସୃଷ୍ଟି ଏବଂ ଏହାର ଅଧିକରୁ ଅଧିକ କାର୍ଯ୍ୟକାରିତା ଲକ୍ଷ୍ୟରେ ଜାତୀୟ, ଆଞ୍ଚଳିକ ଏବଂ ରାଜ୍ୟସ୍ତରରେ ସରକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି।

***BHK***

## ଜବରଦଖଲ ଉଚ୍ଛେଦ

ଭଦ୍ରକ ସହରକୁ ଜବରଦଖଲରୁ ମୁକ୍ତ କରିବା ଲାଗି ସରକାରଙ୍କ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ତୃତୀୟ ଦିନରେ ଆଜି ଅପର୍ତ୍ତିବିନ୍ଧା ଛକରୁ ବ'ନ୍ତ ଛକ ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ସରକାରୀ ଜମିକୁ ଜବରଦଖଲ କରି ଦୀର୍ଘ ବର୍ଷ ଧରି ବ୍ୟବସାୟ କରୁଥିବା ଦୋକାନ ଘରଗୁଡ଼ିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ପୂର୍ବରୁ ଏଥିପାଇଁ ସେମାନଙ୍କୁ ସୂଚନା ଦିଆଯାଇଥିଲା। ଉଚ୍ଛେଦ ସ୍ଥଳରେ ଜିଲ୍ଲା ପ୍ରଶାସନିକ ଅଧିକାରୀ, ମାଜିଷ୍ଟ୍ରେଟଙ୍କ ସମେତ ପୁଲିସ ଉପସ୍ଥିତ ଅଛନ୍ତି।

***Ganjam***

## କୃମିନାଶକ ଦିବସ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ବୈକୁଣ୍ଠପୁର ନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଜାତୀୟ କୃମିନାଶକ ଦିବସ ଅବସରରେ ଏକ

ପ୍ରଶିକ୍ଷଣ କର୍ମଶାଳା ଗତକାଲି ଅନୁଷ୍ଠିତ ହୋଇଛି। ଏଥିରେ ବିଭାଗୀୟ ଅଧିକାରୀ ଯୋଗଦେଇ ଏହି ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। କୃମିର ଲକ୍ଷଣ ଏବଂ ଏହାର ପ୍ରଭାବ ଉପରେ ଏହି କର୍ମଶାଳାରେ ଅଧିକାରୀମାନେ ଆଲୋକପାତ କରିଥିଲେ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲାଗି କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା।

***Puri***

## ଚିତାଲାଗି ନୀତି

ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥି ଅବସରରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଠାକୁରଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେବ। ପ୍ରଥମ ଭୋଗ ମଣ୍ଡପ ଭୋଗ ଶେଷ ହେବାପରେ ଏହି ଗୁପ୍ତନୀତି ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ଆସନ୍ତାକାଲି ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

***M Malkangiri***

## ମାଲକାନଗିରି ବର୍ଷା

ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାର ପୋଟେରୁ ଏବଂ କାଙ୍ଗୁରୁପଣ୍ଡା ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରିରୁ ମୋଟୁ, କାଲିମେଳା, ଏମ୍.ଭି-୭୯କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିଭଳି ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା

ରାଜ୍ୟକୁ ମଧ୍ୟ ଯାତାୟତ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ପୋଲର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୬୬ ଦଶମିକ ୬/୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପୋଲକୁ ବର୍ତ୍ତମାନ ପାଇଁ ବ୍ୟବହାର ନ କରିବାକୁ ପୁଲିସ ପକ୍ଷରୁ ସତର୍କ କରାଯାଇଛି।

***HS***

## ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି। ଆଗାମୀ ୨୪ ଘଣ୍ଟା ପାଇଁ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ହେଉଛି ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼। ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

**********************************